# ଓଡ଼ିଶା ବିଧାନସଭା

## ଦ୍ୱିତୀୟ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୧୦ ଡିସେମ୍ବର ୨୦୨୪

----

**[ପଞ୍ଚାୟତିରାଜ ଓ ପାନୀୟ ଜଳ - ଗୃହ ନିର୍ମାଣ ଓ ନଗର ଉନ୍ନୟନ - ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ - ଗ୍ରାମ୍ୟ ଉନ୍ନୟନ - ସରକାରୀ ଉଦ୍ୟୋଗ ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ].**

**ମୋଟ ପ୍ରଶ୍ନର ସଂଖ୍ୟା 31**

----

### ରାସ୍ତା ଉନ୍ନତି କରଣ

***314 ଶ୍ରୀ ଗୌରୀ ଶଙ୍କର ମାଝୀ (ନବରଙ୍ଗପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନବରଙ୍ଗପୁର ସ୍ଥିତ ୨ ଗୋଟି ରାସ୍ତା (୧) ଜଗନ୍ନାଥ ମନ୍ଦିର ଠାରୁ LIC Office ପର୍ଯ୍ୟନ୍ତ, (୨) ଗାନ୍ଧୀନଗର ଠାରୁ ମଙ୍ଗରାଜ ସାହି ପର୍ଯ୍ୟନ୍ତ ରାସ୍ତାର ଉନ୍ନତି ପାଇଁ କି ପଦକ୍ଷେପ ନିଆଯାଇଅଛି?

----

### DRDA ରେ ଖାଲିଥିବା ଯନ୍ତ୍ରୀ ପଦବୀ ପୂରଣ

***361 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ DRDA ଓ Block ରେ ମଞ୍ଜୁରୀପ୍ରାପ୍ତ ସହକାରୀ ନିର୍ବାହୀଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ସହ କେଉଁ ଯନ୍ତ୍ରୀ ପଦବୀରୁ କେତେ ପଦବୀ ଖାଲି ଅଛି ଓ ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ପ୍ରକାଶ କରି ବ୍ଲକ ପ୍ରଶାସନରେ ସ୍ୱତନ୍ତ୍ର ଯାନ୍ତ୍ରୀକ କ୍ୟାଡ଼ର ସୃଷ୍ଟିପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## ଅମୃତ ଯୋଜନାରେ ପୋଖରୀ ପୁନଃରୁଦ୍ଧାର

***362 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅମୃତ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ମୋ ପୋଖରୀ ଯୋଜନାରେ କେଉଁ ସ୍ଥାନରେ କେତୋଟି ପୋଖରୀର ପୁନଃରୁଦ୍ଧାର ହୋଇଛି ଓ କେତୋଟି ନୂତନ ପୋଖରୀ ଖୋଳାଯାଇଛି ; ଏହାର ଏକ ଜିଲ୍ଲାୱାରୀ ତାଲିକା ଦେବା ସହିତ କେଉଁ ପୋଖରୀ ବାବଦରେ କେତେ ଅର୍ଥ ବ୍ୟୟ ହୋଇଛି ତାହାର ଏକ ପୋଖରୀୱାରୀ ତଥ୍ୟ ପ୍ରଦାନ କରିବେ କି, ଝାରସୁଗୁଡା ଜିଲ୍ଲାରେ ଉଦ୍ଧାର ହୋଇଥିବା ପୋଖରୀର ସ୍ଥାନ, ପରିମାଣ ଓ ଅର୍ଥ ବ୍ୟୟ ସଂକ୍ରାନ୍ତରେ ବିସ୍ତୃତ ସୂଚନା ଦେବେ କି ?

----

## ନୂତନ ବାଉଁଶ ଜଙ୍ଗଲ ସୃଷ୍ଟି

***363 ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାରେ ଗତ ୩ ବର୍ଷରେ ନୂତନ ବାଉଁଶ ଜଙ୍ଗଲ ସୃଷ୍ଟି କରିବା ପାଇଁ କେଉଁ କେଉଁ ଯୋଜନାରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ଓ ଖାଲି ସ୍ଥାନ ପୂରଣ ପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଛି ଏବଂ ଖର୍ଚ୍ଚ ହେଲାପରେ କେତେ ହେକ୍ଟର ନୂତନ ଜଙ୍ଗଲ ସୃଷ୍ଟି ହୋଇଛି ତା'ର ସବିଶେଷ ବ୍ଲକୱାରୀ ବିବରଣୀ ପ୍ରଦାନ କରିବେ କି ?

----

## R.D. ରାସ୍ତା ନିର୍ମାଣ

***364 ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭୋଗରାଇ ନିର୍ବାଚନ ମଣ୍ଡଳୀରେ କେତୋଟି RD ରାସ୍ତା ନିର୍ମାଣାଧୀନ ରହିଛି ଏବଂ ସେଗୁଡ଼ିକ କେଉଁଠାରୁ କେଉଁଠାକୁ ଯାଉଛି ;ଏହିସବୁ ରାସ୍ତାର ନିର୍ମାଣ ଅବଧି କେବେ ସରିବାର ଥିଲା ଏବଂ ବର୍ତ୍ତମାନ ସୁଦ୍ଧା କେତେ ଭାଗ ନିର୍ମାଣ ସରିଛି ; ଶେଷ ହେବାକୁ ଆଉ କେତେ ସମୟ ଲାଗିବ ; (ଖ) ଭୋଗରାଇ ନିର୍ବାଚନ ମଣ୍ଡଳୀରେ କେତୋଟି ରାସ୍ତା ନିର୍ମାଣର ପ୍ରସ୍ତାବ ରହିଛି ଏବଂ ସେଗୁଡ଼ିକ କେଉଁସ୍ତରରେ ରହିଛି ?

----

## Modernization of PSEs

***365 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

What is the status of the performance of Public Sector Enterprises (PSEs) in Odisha, and what measures are being taken to improve their efficiency and profitability? What budget has been allocated for the modernization of PSEs in Odisha, and what proportion has been used for enhancing technological capabilities Are there any specific schemes aimed at the revival of loss-

making PSEs in Odisha? If so, could the Govt. provide details on the funds disbursed and progress made?

----

## ଶ୍ରମିକ ମାନଙ୍କୁ ESI ସୁବିଧା

*366 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 2010 ମସିହାରେ କେତେଜଣ ଶ୍ରମିକଙ୍କ P.F. କଟାଯାଇଅଛି, 2024 ବର୍ଷ P.F. କଟା ଯାଇଥିବା ଶ୍ରମିକଙ୍କ ସଂଖ୍ୟା କେତେ ଓ E.S.I. କେବେଠାରୁ ଲାଗୁ ହୋଇଅଛି ବା ଲାଗୁହେବ ?

----

## MGNREGS ଯୋଜନା କାର୍ଯ୍ୟ ଆରମ୍ଭ

*367 **ଡା. ଫକୀର ମୋହନ ନାଏକ (ତେଲକୋଇ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅଧୀନରେ ଥିବା 4 ଟି ପଞ୍ଚାୟତ ଯଥା ;- ପୁରୁଯୋଡା, ବଳଭଦ୍ରପୁର,ରାଇସୁଆଁ ଓ କରମଗାଁ ପଞ୍ଚାୟତରେ, 2023 ମସିହାରେ ହୋଇଥିବା Farm Pond ଦୁର୍ନୀତିର ତଦନ୍ତ କାରଣରୁ ସମଗ୍ର ବ୍ଲକ ଅର୍ଥାତ 22 ଟି ପଞ୍ଚାୟତରେ MGNREGS ର ସମସ୍ତ କାର୍ଯ୍ୟ ବ୍ଲକ ଅଫିସରେ ବର୍ଷାଧିକ କାଳ ବନ୍ଦ କରାଯାଇଥିବା କାରଣରୁ କେବଳ 4 ଟି ପଞ୍ଚାୟତ ବ୍ୟତୀତ ଅନ୍ୟ 18 ଟି ପଞ୍ଚାୟତର ଜନ ସାଧାରଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଲାଭ ପାଇବାରୁ ବଞ୍ଚିତ ହେଉଥିବା କଥା ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ଉତ୍ତର ହଁ ହୁଏ ତେବେ, ତେଲକୋଇ ବ୍ଲକରେ MGNREGS ଯୋଜନାର କାର୍ଯ୍ୟ କେବେ ଠାରୁ ଆରମ୍ଭ କରାଯିବ ?

----

## ନୂତନ NAC ଘୋଷଣା

*368 **ଶ୍ରୀ କହ୍ନାଇଁ ଚରଣ ଡାଙ୍ଗ (କନ୍ଧମାଳ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

(କ) ରାଜ୍ୟରେ ଏବେ ମୋଟ ପୌରସଂସ୍ଥା ସଂଖ୍ୟା 115 ଟି ଥିବା ବେଳେ ଚଳିତ ବର୍ଷ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଫେବୃଆରୀ ମାସରେ ତତ୍କାଳୀନ ସରକାର ଓ ତାଙ୍କ ଅଧିନସ୍ଥ 5 T ଅଧକ୍ଷ ଜିଲ୍ଲାଗସ୍ତ ଅବସରରେ 34 ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ (N.A.C) ଏବଂ ଚରିଟି ଜିଲ୍ଲାରେ 5 T N.A.C କୁ ମ୍ୟୁନିସିପାଲଟି ଉନ୍ନୀତ ହେବ ବୋଲି ଘୋଷଣା କରିଥିବା ସତ୍ୟ କି, (ଖ) ସେଥିରେ ଅନ୍ତର୍ଭୁକ୍ତ ଥିବା ବୌଦ୍ଧ ଜିଲ୍ଲାର ଜନସାଧାରଣଙ୍କ ଦାବି କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧି ରଖି କନ୍ଧମାଳଠାରେ ଏକ ନୂତନ N.A.C ଏବଂ ବୌଦ୍ଧଗଡ N.A.C କୁ ମ୍ୟୁନିସିପାଲଟି ଭାବେ ଉନ୍ନତ କରିବାକୁ ଘୋଷଣା କରିଥିଲେ କି ସରକାର କେଉଁ ସମୟସୀମା ମଧ୍ୟରେ ଲୋକଙ୍କର ବିକାଶର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏ ବାବଦରେ ତୁରନ୍ତ ନିଷ୍ପତ୍ତି ନେବେ କି ?

----

## ଔଷଧ ବୃକ୍ଷ ରୋପଣ

*୩୬୯ **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ପାଞ୍ଚ ବର୍ଷରେ ଆମ ରାଜ୍ୟରେ କେତେ ସଂଖ୍ୟକ ଔଷଧୀୟ ବୃକ୍ଷ ରୋପଣ କରାଯାଇଛି ଏବଂ ତାହାର ରକ୍ଷଣା ବେକ୍ଷଣ ନିମନ୍ତେ କଣ ପଦକ୍ଷେପ ନିଆଯାଉଛି ଓ ସେଥି ମଧ୍ୟରୁ ବଞ୍ଚିଥିବା ଔଷଧୀୟ ବୃକ୍ଷର ହାର କେତେ ତାହାର ଏକ ଜିଲ୍ଲା ୱାରୀ ବିବରଣୀ ପ୍ରଦାନ କରିବେ କି? ଏଥି ସହିତ ଆଗାମୀ ପାଞ୍ଚବର୍ଷରେ ହେବାକୁ ଥିବା ଔଷଧୀୟ ବୃକ୍ଷ ରୋପଣ ନିମନ୍ତେ ସରକାରଙ୍କ କଣ ଯୋଜନା ରହିଛି ତାହା ଜଣାଇବେ କି ?

----

## ରାସ୍ତା ପିଚୁ କରଣ

*370 **ଶ୍ରୀ ଗୌରୀ ଶଙ୍କର ମାଝୀ (ନବରଙ୍ଗପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଞ୍ଚାୟତ ରାଜ ବିଭାଗର ରାସ୍ତାଗୁଡିକୁ 03 କି.ମି. ପରିବର୍ତ୍ତେ 01 କି.ମି. ପିଚୁକରଣ କାର୍ଯ୍ୟ ପାଇଁ କୌଣସି ଯୋଜନା ରହିଛି କି ?

----

## ଦାଦନ ପ୍ରବଣ ଜିଲ୍ଲା ଚିହ୍ନଟ

*371 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ଜିଲ୍ଲା ଗୁଡିକ ଦାଦନ ପ୍ରବଣ ଜିଲ୍ଲାଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ଚିହ୍ନଟ କରାଯାଇଛି. ଉକ୍ତ ଜିଲ୍ଲା ଗୁଡିକୁ ଦାଦନ ମୁକ୍ତ କରିବା ପାଇଁ କ'ଣ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି ଓ କେବେ ସୁଦ୍ଧା ରାଜ୍ୟକୁ ଦାଦନମୁକ୍ତ କରାଯିବ?

----

## ଶୁଦ୍ଧ ପାନୀୟଜଳ ଯୋଗାଣ

*372 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ସୁନ୍ଦରଗଡ଼ ଜିଲ୍ଲାରେ କେତୋଟି ରାଜସ୍ୱଗ୍ରାମ ଅଛି, ଏଥିରୁ କେତୋଟି ଗ୍ରାମକୁ ଶୁଦ୍ଧ ପାନୀୟଜଳର ବ୍ୟବସ୍ଥା କରାଯାଇଛି, ଖରାଦିନେ ଜଳସଂଙ୍କଟର ମୁକାବିଲା ପାଇଁ ବିଭାଗ ପକ୍ଷରୁ ନଦୀ ଜଳ ସଂରକ୍ଷଣ ଉପରେ ସରକାର କି ପଦକ୍ଷେପ ନେଉଛନ୍ତି, ନଦୀ ଜଳ ଓ ଭୂତଳ ଜଳ ଚୋରୀ ରୋକିବା ପାଇଁ ସରକାର କି କି ପଦକ୍ଷେପ ନେଉଛନ୍ତି ;ରଘୁନାଥପଲ୍ଲୀ ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ଇସ୍ପାତ ସହରାଞ୍ଚଳରେ ଥିବା ହମିରପୁର, ତୁମକେଲା ଓ ଲୁଆକେରା ସମେତ ଦକ୍ଷିଣ ରାଉଲକେଲାରେ ଥିବା ଟାଙ୍ଗରପାଲି ଅଞ୍ଚଳ ମହାନଗର ନିଗମ ନା ପଞ୍ଚାୟତରାଜ ରେ ଯାଉଛି, ଏ ଅଞ୍ଚଳର ବିକାଶ ହୋଇ ପାରୁ ନ ଥିବାରୁ ଏ ଅଞ୍ଚଳର ବିକାଶ ପାଇଁ ଏହାକୁ ପଞ୍ଚାୟତରେ ମିଶାଇବେ କି ?

----

## ଜଗନ୍ନାଥ ସାଗର ପ୍ରକଳ୍ପର ପୁନଃରୁଦ୍ଧାର

*373 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜୟପୁରସ୍ଥିତ ଜଗନ୍ନାଥ ସାଗର ପ୍ରକଳ୍ପର ପୁନଃରୁଦ୍ଧାର ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପୂର୍ବତନ ସରକାର ପ୍ରତିଶୃତି ଦେଇଥିଲେ, କିନ୍ତୁ ଅଦ୍ୟାବଧି କୌଣସି ଅଗ୍ରଗତି ହୋଇନାହିଁ,ଏଥିପାଇଁ ଜନଅସନ୍ତୋଷ ଦେଖାଦେଇଛି, ସରକାର ବର୍ତ୍ତମାନ ଜଗନ୍ନାଥ ସାଗର ପ୍ରକଳ୍ପ ପାଇଁ କଣ ପଦକ୍ଷେପ ନେଇଛନ୍ତି?

----

## ବନୀକରଣ କାର୍ଯ୍ୟକ୍ରମ

*374 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡ଼ମ୍ବା Range ଏବଂ ନରସିଂହପୁର ପୂର୍ବ ଏବଂ ପଶ୍ଚିମ Range ଅଧିନରେ 2021-22, 2022-23 ଏବଂ 2023-24 ଆର୍ଥିକ ବର୍ଷରେ କେଉଁସବୁ ଅଞ୍ଚଳରେ ବନିକରଣ କରାଯାଇ କେତେ ଏକର ଜାଗାରେ ବୃକ୍ଷ ରୋପଣ କରାଯାଇଛି, କେତେ ଶ୍ରମିକ ନିଯୁକ୍ତି ହୋଇଛନ୍ତି ଏବଂ ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି, କେଉଁ କେଉଁ ଯୋଜନା ମାଧ୍ୟମରେ କେତେ ଅର୍ଥ ଆସୁଅଛି ଏବଂ କେତେ ଶ୍ରମିକ କାର୍ଯ୍ୟକରି ସଠିକ ପାଉଣା ପାଇଛନ୍ତି ?

----

## ଗ୍ରାମକୁ ସଡ଼କ ସଂଯୋଗ

*375 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାରେ କେତେଗୋଟି ଗ୍ରାମକୁ ସଡ଼କ ସଂଯୋଗ ହୋଇପାରିନାହିଁ ପ୍ରକାଶ କରି ସେହି ଗ୍ରାମ ଗୁଡ଼ିକୁ ସଡ଼କ ସଂଯୋଗ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବାହାର ରାଜ୍ୟକୁ ଯାଉଥିବା ଦାଦନ

*376 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନାବାଳକ ଓ ନାବାଳିକାମାନେ ଅତ୍ୟଧିକ ଗରିବ ପରିବାରକୁ ରକ୍ଷା କରିବା ପାଇଁ ଅଧାରୁ ପାଠ ଛାଡି ମୂଲ ଲାଗି ରୋଜଗାର କରି ଘର ଚଳାଇବା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି, ଏପରିକି ନାବାଳକ ଓ ନାବାଳିକା ମାନେ ନାନା ନିର୍ଯ୍ୟାତନା, ଅତ୍ୟାଚାର ଓ ଯୌନ ଶୋଷଣର ଶିକାର ହୋଇ ରୋଜଗାର କରିବା ପାଇଁ ଯାଉଥିବାରୁ ସରକାର ଗ୍ରାମାଞ୍ଚଳରେ ରହୁଥିବା ଆଦିବାସୀ ପରିବାରକୁ ନ୍ୟାୟ ଦେବା ସଙ୍ଗେ ସଙ୍ଗେ ଏହିଭଳି କମ ବୟସର ପିଲାକୁ ନେଇ ଖଟାଉଥିବା ଦଲାଲମାନେ ମାଲାମାଲ ହୋଇ ଶିଶୁ ଶ୍ରମିକ ଚାଲାଣ ଦିନକୁ ଦିନ ବଢ଼ାଉଥିବାରୁ ସରକାର କିଛି ପଦକ୍ଷେପ ନେବେ କି ?

----

## ପ୍ରତ୍ୟେକ ଗୃହକୁ ପାନୀୟ ଜଳ ଯୋଗାଣ

*377 **ଶ୍ରୀ ବ୍ରଜ କିଶୋର ପ୍ରଧାନ (ତାଳଚେର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତାଳଚେର ଅଞ୍ଚଳରେ ସମସ୍ତ ତାଳଚେରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କେବେସୁଦ୍ଧା ସମ୍ପୂର୍ଣ୍ଣ ହେବ ଏବଂ ପ୍ରତ୍ୟେକ ଗୃହକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା ସମ୍ପୂର୍ଣ୍ଣ ହେବ ଜଣାଇବେ କି ?

----

## ସମସ୍ତ ୱାର୍ଡରେ ଷ୍ଟ୍ରିଟ୍ ଲାଇଟ ଲଗାଇବା ପାଇଁ ପଦକ୍ଷେପ

*378 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ପୌରାଞ୍ଚଳରେ ଥିବା ପ୍ରାୟ ସମସ୍ତ ୱାର୍ଡରେ କୌଣସି ଷ୍ଟ୍ରିଟ୍ ଲାଇଟ ଜଳୁନାହିଁ ଯାହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିମାନେ ନାନା ପ୍ରକାର ଅପରାଧ ଘଟାଉଛନ୍ତି ; ବର୍ତ୍ତମାନ ଯେଉଁ ଠିକାଦାରମାନେ ଏହାର ରକ୍ଷଣାବେକ୍ଷଣ କରିବା କଥା ତାହା ସେ କରୁନାହାଁନ୍ତି ; ତେଣୁ ସରକାର ଠିକାଦାରଙ୍କ ଦ୍ୱାରା ରକ୍ଷଣାବେକ୍ଷଣ କରି ତୁରନ୍ତ ସମସ୍ତ ୱାର୍ଡର ଷ୍ଟ୍ରିଟ୍ ଲାଇଟ କାର୍ଯ୍ୟକ୍ଷମ କରାଇବାକୁ ପଦକ୍ଷେପ ନେବେ କି?

----

## ନୂତନ ଜଙ୍ଗଲ ସୃଷ୍ଟି

*379 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟରେ ଅନେକ ପାହାଡ, ଗଛକଟା ଓ ଅନ୍ୟାନ୍ୟ କାରଣରୁ ଲଣ୍ଡା ପାହାଡ ହୋଇଯାଇଥିବା ସତ୍ୟ କି, ଉତ୍ତର ହଁ ହୋଇଥିଲେ ସେପରି କେତେ ପହାଡକୁ ଚିହ୍ନଟ କରାଯାଇଅଛି, ଏବଂ ସେସବୁ ପାହାଡ଼ ସମେତ ଯେଉଁସବୁ ପାହାଡରୁ ସବୁଜ ବଳୟ ବନ ନଷ୍ଟ ହୋଇଗଲାଣି ସେସବୁରେ ବୃକ୍ଷରୋପଣ ତଥା ଅନ୍ୟାନ୍ୟ ଉପାୟରେ ଜଙ୍ଗଲ ସୃଷ୍ଟିପାଇଁ କୌଣସି ପଦକ୍ଷେପ ନିଆଯାଉଛି କି ; ଉତ୍ତର ହଁ ହୋଇଥିଲେ ସେସବୁର ତଥ୍ୟ ଦେବେ କି ?

----

## ବଡ଼ଚଣା ବ୍ଲକରେ ନିର୍ମାଣ ହୋଇଥିବା ସେତୁ

***୩୮୦** **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ବିଭିନ୍ନ ନଦୀ ଓ ନାଳ ଗୁଡ଼ିକରେ ସେତୁ ନଥିବା କାରଣରୁ ବଡ଼ଚଣା ବ୍ଲକବାସୀଙ୍କ ଯାତାୟତରେ ଅସୁବିଧା ଉପୁଜୁଛି ଗମନା ଗମନ ବ୍ୟବସ୍ଥାରେ ଉନ୍ନତି ଆଣିବା ଲକ୍ଷ୍ୟରେ, ବଡ଼ଚଣା ବ୍ଲକରେ କେତୋଟି ସେତୁ ନିର୍ମାଣର ଆବଶ୍ୟକତା ରହିଛି, ତା'ର ସର୍ଭେ କରାଯାଇଛି କି ଯଦି କରାଯାଇଛି, ତା'ର ତଥ୍ୟ ପ୍ରଦାନ କରିବା ସହ ସେଥିମଧ୍ୟରୁ କେତୋଟିର କାମ ଆରମ୍ଭ ହୋଇଛି ଏବଂ ବାକିଥିବା ସେତୁ ଗୁଡିକ ପାଇଁ କେତେ ଅର୍ଥ ଦରକାର ?

----

## ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ

***୩୮୧** **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପାନୀୟଜଳ ସମାଧାନ ପାଇଁ ରାଜ୍ୟରେ ପ୍ରତ୍ୟେକ RWSS କୁ ପାନୀୟଜଳ ଯୋଗାଣ ପାଇଁ ଝରଣାଭିତ୍ତିକ, ନଳକୂପ, ସାନିଟାରୀୱାଲ କରାଇ ବିଶେଷ କରି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଚ୍ଛିର୍ଣ୍ଣାଞ୍ଚଳ ଓ ଦୁର୍ଗମ ଅଞ୍ଚଳ ମାନଙ୍କରେ ଜନସାଧାରଣଙ୍କର ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରିବେ କି ?

----

## ଉନ୍ନତମାନର ଆଲୋକିକରଣ

***୩୮୨** **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ଜଗନ୍ନାଥ ଧାମ ସମୟକ୍ରମେ ପର୍ଯ୍ୟଟକମାନଙ୍କ ପାଇଁ ଏକ ପ୍ରିୟ ପର୍ଯ୍ୟଟନସ୍ଥଳୀ ପାଲଟିଛି, ଯାହାପାଇଁ ପ୍ରତ୍ୟେକ ଦିନ ଲକ୍ଷ ଲକ୍ଷ ପର୍ଯ୍ୟଟକମାନେ ପୁରୀକୁ ଯାତାୟାତ କରୁଛନ୍ତି, ପୁରୀ ବେଳାଭୂମିର ସୌନ୍ଦର୍ଯ୍ୟକରଣ ବୃଦ୍ଧି କରିବା ପାଇଁ ଉନ୍ନତ ଆଲୋକିକରଣର ବ୍ୟବସ୍ଥା କରାଗଲେ ବେଳାଭୂମିର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ, ସରକାର ଏ ଦିଗରେ କି ପଦକ୍ଷେପ ନେବେ ?

----

## ହାତୀ କରିଡ଼ର ନିର୍ମାଣ

***୩୮୩** **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) ରାଜ୍ୟର କେଉଁ ଜିଲ୍ଲାରେ କେତେ ହାତୀ ଥିଲାବେଳେ ବିଗତ ତିନି ବର୍ଷରେ ଝାଡ଼ଖଣ୍ଡ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରୁ କେତେ ହାତୀ ଓଡ଼ିଶାକୁ ଅନୁପ୍ରବେଶ କରି କେତେ ଫସଲ ହାନୀ ଓ କ୍ଷୟକ୍ଷତି କରିଛନ୍ତି, ଏହି ସମୟ ମଧ୍ୟରେ କେତେ ହାତୀ କେଉଁ କାରଣରୁ ଅପମୃତ୍ୟୁର ଶିକାର ହୋଇଛନ୍ତି, ପ୍ରକାଶ କରି ରାଜ୍ୟରେ ହାତୀ କରିଡ଼ର ନିର୍ମାଣ ସହ ସେମାନଙ୍କ ପାଇଁ ଖାଦ୍ୟ ଅନୁକୁଳ ଜଙ୍ଗଲ ସୃଷ୍ଟି ସହ ହାତୀଙ୍କ ଜୀବନ ସୁରକ୍ଷା ପାଇଁ କି ପଦକ୍ଷେପ ନିଆଯାଉଅଛି ଏବଂ (ଖ) ରାଜ୍ୟର କେଉଁ ଜଙ୍ଗଲରେ କେଉଁ ପ୍ରଜାତିର କେତେ ସଂଖ୍ୟକ ବନ୍ୟପ୍ରାଣୀ ଥିଲାବେଳେ ବିଗତ ତିନି ବର୍ଷରେ ସେମାନଙ୍କ ସଂଖ୍ୟାରେ, କେତେ ହ୍ରାସ ବୃଦ୍ଧି ଘଟିଅଛି, ସେମାନଙ୍କ ସୁରକ୍ଷା ଓ ବଂଶବୃଦ୍ଧି ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ରାସ୍ତା ରକ୍ଷଣାବେକ୍ଷଣ ନିମନ୍ତେ ବ୍ୟୟ ଅଟକଳ

*384 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ରାସ୍ତା ଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ କେଉଁ ଭିତ୍ତି ଓ ପଦ୍ଧତିରେ ଅର୍ଥ ବ୍ୟୟ ନିମନ୍ତେ ନୀତି ନିର୍ଦ୍ଧାରଣ କରାଯାଇଛି ରାଜ୍ୟର ମୟୂରଭଞ୍ଜ ଜିଲ୍ଲାର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ରକ୍ଷଣାବେକ୍ଷଣ ନିମନ୍ତେ ଉଦ୍ଦିଷ୍ଟ କେତେ କି.ମି. ରାସ୍ତା ନିମନ୍ତେ କେତେ ଅର୍ଥ ପ୍ରଦାନ କରାଯାଇଛି, ଗତ ୫ ବର୍ଷର ବିବରଣୀ ପ୍ରଦାନ କରିବେ କି, ଆବଶ୍ୟକୀୟ ଅର୍ଥ ଅଭାବରୁ ମୟୂରଭଞ୍ଜ ଜିଲ୍ଲାରେ କେଉଁ କାରଣରୁ ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇପାରୁନାହିଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ କେନ୍ଦ୍ର ସରକାରଙ୍କ ଠାରୁ ମିଳିଥିବା ଅର୍ଥ ମଧ୍ୟରୁ କେଉଁ ବର୍ଷ ସୁଧ ବାବଦକୁ କେତେ ଅର୍ଥ ମିଳିଛି ଓ ଅଧିକ ଟେଣ୍ଡର ପ୍ରିମିୟମ ବାବଦକୁ କେଉଁ ପ୍ରକଳ୍ପରେ କେତେ ଅର୍ଥ ବ୍ୟୟ ହୋଇଛି ?

----

## ସିମୁଳିଆ ନିର୍ବାଚନମଣ୍ଡଳୀରେ ପାନୀୟ ଜଳ ଯୋଗାଣ

*385 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସିମୁଳିଆ ନିର୍ବାଚନମଣ୍ଡଳୀର କେଉଁ କେଉଁ ପଂଚାୟତର ପାନୀୟ ଜଳ ଯୋଗାଇ ଦେବା ପାଇଁ ବସୁଧା ଯୋଜନା ଜରିଆରେ କେତୋଟି ପ୍ରକଳ୍ପ ଅନୁମୋଦିତ ହୋଇଛି, ତନ୍ମଧ୍ୟରୁ କେତୋଟି ପ୍ରକଳ୍ପର କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇସାରିଛି କିନ୍ତୁ ଜଳଯୋଗାଣ ହୋଇନାହିଁ, ଅବଶିଷ୍ଟ ବାକି ଥିବା ପ୍ରକଳ୍ପଗୁଡିକୁ କେବେସୁଦ୍ଧା ସଂପୂର୍ଣ୍ଣ କରି ପାନୀୟ ଜଳ ଯୋଗାଇ ଦେବେ ?

----

## Mukta ଯୋଜନାରେ ଅର୍ଥ ପ୍ରଦାନ

*386 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଗତସିଂହପୁର Municipality ରେ Mukhyamantri Karma Tatpara Abhiyan Yojana( Mukta Yojana) ରେ କେତେ ଅର୍ଥ ରାଶି ପ୍ରଦାନ କରାଯାଇଅଛି ଜଣାଇବେ କି, ସେଥିରୁ କେତେ ଅର୍ଥ ସରିଛି ଏବଂ କେତେ ଅର୍ଥ ଖର୍ଚ୍ଚ ହୋଇପାରିନାହିଁ?

----

## ବିଦେଶ ପକ୍ଷୀମାନଙ୍କ ଆଗମନ

***୩୮୭ ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା କେଉଁ ଜଳାଶ୍ରୟକୁ କେତେ ବିଦେଶାଗତ ପକ୍ଷୀଙ୍କ ଏ ପର୍ଯ୍ୟନ୍ତ ଆଗମନ ହୋଇସାରିଲାଣି, ଏଥିରୁ ବିରଳ ପ୍ରଜାତିର ସମ୍ପୂର୍ଣ୍ଣ ନୂଆ ପକ୍ଷୀଙ୍କ ନାମ କଣ; ତାହା ଚିହ୍ନଟ ହୋଇଅଛି କି ; କେଉଁ କାରଣରୁ ଏପରି ପକ୍ଷୀମାନେ ଏହି ଜଳାଶ୍ରୟମାନଙ୍କୁ ଶୀତଋତୁରେ ନିରାପଦ ଆଶ୍ରୟସ୍ଥଳୀ ଭାବରେ ଗ୍ରହଣ କରିଛନ୍ତି ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

----

## ଗ୍ରାମ ଓ ପଡାଗ୍ରାମକୁ ରାସ୍ତା ନିର୍ମାଣ

***୩୮୮ ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

ସୁନ୍ଦରଗଡ ଜିଲ୍ଲାରେ କେତୋଟି ଗ୍ରାମ ଓ ପଡାଗ୍ରାମକୁ ରାସ୍ତା ନାହିଁ ଏବଂ କେତୋଟି ଗ୍ରାମ ଓ ପଡାଗ୍ରାମକୁ ପୋଲର ଆବଶ୍ୟକ ଅଛି ତାର ଏକ ତାଲିକା ଉପସ୍ଥାପନା କରିବା ସହିତ, ସମସ୍ତ ଗାଁକୁ ରାସ୍ତା ଓ ପୋଲ ନିର୍ମାଣ ପାଇଁ ସରକାର କିଛି ଠୋସ୍ ପଦକ୍ଷେପ ଗ୍ରହଣ କରିଛନ୍ତି କି, ଯଦି ହଁ, ତାର ସବିଶେଷ, ତଥ୍ୟ ଉପସ୍ଥାପନ କରିବେ କି, ଯଦି 'ନାଁ' ତେବେ କେବେ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ ସେଥିପାଇଁ କି କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ପଞ୍ଚାୟତରେ ଗ୍ରାମ୍ୟ ଉଦ୍ୟାନ/ପାର୍କ ନିର୍ମାଣ

***୩୮୯ ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାର ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ କେଉଁ ପଞ୍ଚାୟତରେ ଗ୍ରାମ୍ୟ ଉଦ୍ୟାନ/ପାର୍କ ନିର୍ମାଣ ହୋଇଛି ଓ ଏଥିନିମନ୍ତେ କେଉଁ ବର୍ଷ କେତେ ଟଙ୍କା ପ୍ରଦାନ କରାଯାଇଛି ତାର ପଞ୍ଚାୟତୱାରୀ ତାଲିକା ପ୍ରଦାନ କରିବେ କି ?

----

## ରାସ୍ତାଘାଟ ଓ ଡ୍ରେନେଜର ଉନ୍ନତିକରଣ

***୩୯୦ ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଟଣୀ ପୌରପାଳିକା ଅଧୀନରେ ଦିନକୁ ଦିନ ଲୋକସଂଖ୍ୟା ବୃଦ୍ଧି ପରିପ୍ରେକ୍ଷୀରେ ଏଠାରେ ଅତ୍ୟାଧୁନିକ ଡ୍ରେନେଜ୍ ବ୍ୟବସ୍ଥା ପ୍ରବର୍ତ୍ତନ ସହ ରାସ୍ତାଘାଟ ଉନ୍ନତିକରଣ ସହିତ ସ୍ୱେରେଜ୍ ବ୍ୟବସ୍ଥା ପ୍ରବର୍ତ୍ତନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----